# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 21 February - 2025
************************************

## ମୁଖ୍ୟମନ୍ତ୍ରୀ-ରେଳମନ୍ତ୍ରୀ ଆଲୋଚନା

ଓଡ଼ିଶାରେ ରେଳ ଭିତ୍ତିଭୂମିର ବିକାଶ ଏବଂ ସଂଯୋଗ ଆଦି ପ୍ରସଙ୍ଗକୁ ନେଇ ନୂଆଦିଲ୍ଲୀଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । କେନ୍ଦୁଝର ଜିଲ୍ଲାର ଯୋଡ଼ା-ବଡବିଲ ଓ ବଡବିଲ-ବରସୁଆଁ ପ୍ରମୁଖ ରେଳମାର୍ଗର ସଂଯୋଗୀକରଣ ଏବଂ ପ୍ରସ୍ତାବିତ ଇସ୍ପାତ କାରଖାନା ପାଇଁ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବିଧାନସଭା-ଡ୍ୟାମ୍

ରାଜ୍ୟର ବିକାଶ ପାଇଁ ମହାନଦୀରେ ଆଉ ୧୬ଟି ଡ୍ୟାମ୍ ଏବଂ ୧୫ଟି ବ୍ୟାରେଜ୍ ପ୍ରକଳ୍ପ ନିର୍ମାଣ ହେବ । ଏଥିସହ ମହାନଦୀରେ ୪୧ଟି ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର ନିର୍ମାଣ ପାଇଁ ସରକାର ଯୋଜନା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ମହାନଦୀ ଜଳର ସମାନତା ସହ ସ୍ଥାୟୀ ଜଳ ବିକାଶକୁ ସୁରକ୍ଷିତ ରଖିବା ଲାଗି ଏହି ନିଷ୍ପତ୍ତି ନିଆଯାଇଥିବା ବିଧାନସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ମାଟ୍ରିକ୍ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ରାଜ୍ୟରେ ଆଜିଠାରୁ ଆରମ୍ଭ ହେଉଛି। ଚଳିତବର୍ଷ ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୨୦ହଜାର ୬୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ  ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି । ପରୀକ୍ଷା ସମୟରେ ଅନିୟମିତତା ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

**V/o-**

ମାଟ୍ରିକ୍ ପରୀକ୍ଷା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ୍ୟ ଆଜିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଚାପମୁକ୍ତ ହୋଇ ପରୀକ୍ଷା ଦେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣା

ଭୁବନେଶ୍ୱରର ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ନେପାଳୀ ଛାତ୍ରୀ ମୃତ୍ୟୁ ଘଟଣାର ତଦନ୍ତ କରୁଥିବା ଉଚ୍ଚସ୍ତରୀୟ କମିଟି ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତାଙ୍କୁ ନୋଟିସ୍ ଜାରି କରିଛନ୍ତି । କମିଟି ସାମ୍ନାରେ ତାଙ୍କୁ ଆଜି ହାଜର ହେବାପାଇଁ ନିର୍ଦ୍ଦେଶ ଦିଆଯାଇଛି । କମିଟିର ସଦସ୍ୟମାନେ ଗତକାଲି ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । କ୍ୟାମ୍ପସ ଛାଡିଥିବା ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ଫେରାଇ

ଆଣିବା ତଥା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ଅଭିଜ୍ଞ ପରାମର୍ଶଦାତାଙ୍କୁ ନିୟୋଜିତ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

## ଜାତୀୟ କର୍ମଶାଳା

ଭୁବନେଶ୍ୱରରେ ନିରନ୍ତର ବିକାଶ ଲକ୍ଷ୍ୟ ହାସଲରେ ଦ୍ରୁତ ସୂଚନାପ୍ରାପ୍ତି ଅନୁଧ୍ୟାନ ଏବଂ ବିବରଣୀ ପ୍ରଦାନ ଉପରେ ଏକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ନୀତି ଆୟୋଗର ଉପାଧ୍ୟକ୍ଷ ସୁମନ ବେରୀ ପ୍ରଶାସନିକ ଢ଼ାଞ୍ଚାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେହିଭଳି ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବି.ଭି.ଆର୍ ସୁବ୍ରମଣ୍ୟମ ଦାରିଦ୍ର୍ୟ ଦୂରୀକରଣ ପାଇଁ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ । କର୍ମଶାଳାରେ ଦେଶର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଅଂଶଗ୍ରହଣ କରିଛନ୍ତି ।

## ପରାମର୍ଶ ବୈଠକ

କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶାରେ କୃଷି ରପ୍ତାନୀକୁ ପ୍ରୋତ୍ସାହନ କରିବା ପାଇଁ ଏକ ପରାମର୍ଶ ବୈଠକ ଅନୁଷ୍ଠିତ ହୋଇଛି । ଭୁବନେଶ୍ୱରରେ ଆୟୋଜିତ ବୈଠକରେ ରପ୍ତାନୀ ସମୟରେ ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାର ସମାଧାନ, ରପ୍ତାନୀ ଉଦ୍ଦିଷ୍ଟ କୃଷି ଉତ୍ପାଦଗୁଡ଼ିକୁ ଚିହ୍ନଟ, ରପ୍ତାନୀ ପ୍ରକ୍ରିୟାକୁ ସହଜ ଓ ସୁଗମ କରିବା ନେଇ ଆଲୋଚନା ହୋଇଥିଲା ।

# ଆଇସିୟୁ ଶଯ୍ୟା

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗର ୬ଟି ଶଯ୍ୟା ବିଶିଷ୍ଟ ନୂତନ ଆଇସିୟୁ ଖୋଲିବା ନେଇ ନିଷ୍ପତ୍ତି ହୋଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଏହି ଆଇସିୟୁ ଆସନ୍ତା ମାସରୁ କାର୍ଯ୍ୟକ୍ଷମ ହେବ ।

# ଅନ୍ତର୍ଜାତୀୟ ମାତୃଭାଷା ଦିବସ

ଅନ୍ତର୍ଜାତୀୟ ମାତୃଭାଷା ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁଭେଚ୍ଛା ଜଣାଇଛନ୍ତି । ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମାତୃଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହ ଚିନ୍ତା ଚେତନା ଓ ଭାବନା ପରିପ୍ରକାଶର ପ୍ରକୃଷ୍ଟ ମାଧ୍ୟମ । ମାତୃଭାଷା ଦିବସରେ ଓଡ଼ିଆ ଶବ୍ଦଭଣ୍ଡାର ଓ ସାହିତ୍ୟକୁ ଆହୁରି ସମୃଦ୍ଧ କରିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଯୁବପୀଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ।

# ଧାନ ସଂଗ୍ରହ

ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୫୦ଲକ୍ଷ ୪୨ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ସଂଗ୍ରହ ହୋଇଛି ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧ଲକ୍ଷ ୨୦ହଜାର ୭୭୭ଜଣ ଚାଷୀଙ୍କ ଠାରୁ ଧାନସଂଗ୍ରହ କରାଯାଇଥିବା ସୂଚନା ମିଳିଛି । ଚଳିତମାସ ଶେଷ ସୁଦ୍ଧା ଜିଲ୍ଲାରେ ଧାନକିଣା ପ୍ରକ୍ରିୟା ଶେଷ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା ।

# କାଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ନେହେରୁ ଯୁବକେନ୍ଦ୍ର ଏବଂ କଟକ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ କାଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ୫ ଦିନ ଧରି ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଦେଶର ଅଖଣ୍ଡତା, ସୁରକ୍ଷା, ସଂସ୍କୃତି ଓ ଦକ୍ଷତା ବିକାଶ ଉପରେ ନେତାଜୀ ଟର୍ମିନାଲ ପରିସରରେ ବିଭିନ୍ନ ଅଧିବେଶନ ଅନୁଷ୍ଠିତ ହୋଇଥିଲା । କାଶ୍ମୀର ଉପତ୍ୟକା ଅଞ୍ଚଳର ୬ଟି ଜିଲ୍ଲାରୁ ୧୨୬ଜଣ ଯୁବକ ଏଥିରେ ଅଂଶଗ୍ରହଣ କରିଥିଲେ ।

# କବାଡ଼ି ପ୍ରତିଯୋଗିତା

କଟକ ଜବାହରଲାଲ୍ ନେହେରୁ ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଜାତୀୟ ବରିଷ୍ଠ ପୁରୁଷ କବାଡି ଚାମ୍ପିଅନ୍‌ସିପ୍‌ର ଆରମ୍ଭ ହୋଇଛି । ଓଡ଼ିଶା ଓ ବିଦର୍ଭ ମଧ୍ୟରେ ହୋଇଥିବା ଉଦ୍‌ଘାଟନୀ ମ୍ୟାଚ୍‌ରେ ଗତକାଲି ଓଡ଼ିଶା ୨୯ ପଏଣ୍ଟରେ ବିଜୟୀ ହୋଇଛି । ଅନ୍ୟଏକ ମ୍ୟାଚ୍‌ରେ ହରିୟାଣା ୩୦ ପଏଣ୍ଟରେ ତେଲେଙ୍ଗାନାକୁ ପରାସ୍ତ କରିଛି ।

# ଦୌଡ଼କୁଦ ପ୍ରତିଯୋଗିତା

ଚେନ୍ନାଇରେ ଆୟୋଜିତ ୨୩ତମ ଜାତୀୟ ପାରା ଦୌଡକୁଦ ପ୍ରତିଯୋଗିତା ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଓଡ଼ିଶାର ସୁଚିତ୍ରା ପରିଡ଼ା ଓ ଜୟନ୍ତୀ ବେହେରା ୨ଟି ସ୍ୱର୍ଣ୍ଣପଦକ ଜିତିଛନ୍ତି । ଏହି ୨ ସ୍ୱର୍ଣ୍ଣ ସହ ଓଡ଼ିଶା ୭ଟି ପଦକ ପାଇ ଅଭିଯାନ ଶେଷ କରିଛି ।

# ପାଣିପାଗ

ରାଜ୍ୟର କେତେକ ସ୍ଥାନରେ ଗତକାଲି ବର୍ଷା ହୋଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜି ୮ଟି ଜିଲ୍ଲାରେ ଘଡ଼ଘଡି ସହ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସତର୍କ ସୂଚନା ଜାରି କରାଯାଇଛି ।